# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**29th September - 2025**

*************************************

***Desk***

## ଜାତୀୟ ମଧ୍ୟସ୍ଥତା ସମ୍ମିଳନୀ

ଶିକ୍ଷା ସଚେତନତା ମାଧ୍ୟମରେ ମଧ୍ୟସ୍ଥତା ସଂସ୍କୃତି ସୃଷ୍ଟି କରିବା ଉପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁତ୍ୱାରୋପ କରିଛନ୍ତି । ଦ୍ୱିତୀୟ ଜାତୀୟ ମଧ୍ୟସ୍ଥତା ସମ୍ମିଳନୀ ୨୦୨୫ର ଉଦ୍‌ଯାପନୀ ସମାରୋହରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପ୍ରଧାନ  ବିଭିନ୍ନ ରାଜ୍ୟରେ ମାତୃଭାଷାରେ ଆଇନଗତ ମାମଲାଗୁଡ଼ିକର ଶୁଣାଣି କରାଯିବା ଉପରେ ମତ ଦେଇଛନ୍ତି ।  ଭୁବନେଶ୍ୱର ଲୋକସେବା ଭବନସ୍ଥିତ ରାଜ୍ୟ କନ୍‌ଭେନ୍‌ସନ୍ କେନ୍ଦ୍ରଠାରେ ଅନୁଷ୍ଠିତ ସମାରୋହରେ କେନ୍ଦ୍ର ଆଇନ ଓ ନ୍ୟାୟ ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ୍ ସମ୍ମିଳନୀର ଆଲୋଚିତ ନିଷ୍କର୍ଷ ଆଧାରରେ ଦେଶରେ ମଧ୍ୟସ୍ଥତା ବ୍ୟବସ୍ଥାରେ ଉନ୍ନତି ଅଣାଯିବ ବୋଲି କହିଛନ୍ତି । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରୀଶ ଟଣ୍ଡନ୍‌ଙ୍କ ସମେତ ସୁପ୍ରିମ୍‌କୋର୍ଟର ବିଚାରପତି ଜଷ୍ଟିସ୍ ଏମ୍.ଏନ୍. ସୁନ୍ଦରେଶ, ଜଷ୍ଟିସ ସଞ୍ଜୟ କରୁଲ୍, ଜଷ୍ଟିସ୍ ଅହସାନୁଦ୍ଦିନ ଅମାରୁଲ୍ଲା ପ୍ରମୁଖ ଯୋଗ ଦେଇଥିଲେ ।

*Desk*

# ରିଜର୍ଭ ବ୍ୟାଙ୍କ୍ ବୈଠକ

ଭାରତୀୟ ରିଜର୍ଭ ବ୍ୟାଙ୍କ୍‌ର ଆର୍ଥିକ ନୀତି ନିର୍ଦ୍ଧାରଣ କମିଟିର ତିନିଦିନିଆ ବୈଠକ ଆଜିଠାରୁ ଆରମ୍ଭ ହେଉଛି । ବିଶ୍ୱ ଭୂ-ରାଜନୈତିକ ପରିସ୍ଥିତି ଏବଂ ଆମେରିକାର ବର୍ଦ୍ଧିତ ଟିକସହାର ନିଷ୍ପତ୍ତି ପରିପ୍ରେକ୍ଷୀରେ ଦେଶରେ ପ୍ରଚଳିତ ଟିକସହାର ଉପରେ ବୈଠକରେ ଆଲୋଚନା ହେବାର ସମ୍ଭାବନା ରହିଛି ।

*IPR*

# ବୁଝାମଣାପତ୍ର

ରାଜ୍ୟର ପ୍ରତିଟି ଜିଲ୍ଲା ଶିକ୍ଷା, ଐତିହ୍ୟ, କଳା, ସଂସ୍କୃତି, ଇତିହାସ ଓ ସାହିତ୍ୟ ଦୃଷ୍ଟିରୁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଭୁବନେଶ୍ୱରଠାରେ ଗତକାଲି ଓଡ଼ିଶା ରିସର୍ଚ୍ଚ ସେଣ୍ଟର ଏବଂ ଟାଟା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍ସ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର ଅବସରରେ ମନ୍ତ୍ରୀ ଶ୍ରୀ ପ୍ରଧାନ ଏହା କହିଛନ୍ତି । ସେ କହିଛନ୍ତି, ରାଜ୍ୟର ଭବିଷ୍ୟତ ଏବଂ ଯୁବବର୍ଗଙ୍କ ଗବେଷଣାପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହି ଚୁକ୍ତିନାମା ରାଜ୍ୟର ସାମାଜିକ ଗବେଷଣା ଓ ବିକାଶ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ଆରମ୍ଭ କରିବ ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି ।

*Nuapada/R*

# ଉପନିର୍ବାଚନ

ନୂଆପଡ଼ା ବିଧାନସଭା ଉପନିର୍ବାଚନ ପରିପ୍ରେକ୍ଷୀରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ତଥା ଭୋଟର ତାଲିକା ପର୍ଯ୍ୟବେକ୍ଷକ ସଚିନ ରାମଚନ୍ଦ୍ର ଯାଦବ ଗତକାଲି ନୂଆପଡ଼ାରେ ଜିଲ୍ଲା ପ୍ରଶାସନିକ ଅଧିକାରୀ ଓ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମଣ୍ଡଳୀ ସହିତ ଆଲୋଚନା କରିଛନ୍ତି । ନିର୍ବାଚନମଣ୍ଡଳୀପାଇଁ ଚିଠା ଭୋଟର ତାଲିକା ଇତିମଧ୍ୟରେ ପ୍ରକାଶିତ ହୋଇସାରିଛି । ନିର୍ବାଚନମଣ୍ଡଳୀରେ ରହିଥିବା ମୋଟ୍ ୩୫୮ଟି ଭୋଟ୍‌ଗ୍ରହଣ କେନ୍ଦ୍ରପାଇଁ ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଛି ।

*Desk*

# ସୁପ୍ରିମ୍‌କୋର୍ଟ - ମାମଲା ବିଚାର

ବିଭିନ୍ନ ମାମଲାର ତ୍ୱରିତ ବିଚାର ପ୍ରତ୍ୟେକ ନାଗରିକଙ୍କ ମୌଳିକ ଅଧିକାର ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି । ଶୁଣାଣିର ବିଳମ୍ୱରେ ଚିନ୍ତା ପ୍ରକଟ କରିବା ସହ ତ୍ୱରିତ ବିଚାର ନେଇ ଦୃଢ଼ କାର୍ଯ୍ୟାନ୍ୱୟନ ଉପରେ ସୁପ୍ରିମ୍‌କୋର୍ଟ ଗୁରୁତ୍ୱାରୋପ କରିଛନ୍ତି । ମାମଲାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଏହାର ଶୁଣାଣିକୁ ଯଥାଶୀଘ୍ର ଶେଷ କରିବାକୁ ହାଇକୋର୍ଟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି । ନ୍ୟାସନାଲ୍ ଜୁଡ଼ିସିଆଲ୍ ଡାଟାଗ୍ରିଡ୍‌ର ତଥ୍ୟ ଅନୁଯାୟୀ ଗତ ୨୫ ତାରିଖ ସୁଦ୍ଧା

ଦେଶର ବିଭିନ୍ନ କୋର୍ଟରେ ୫ କୋଟି ୩୪ ଲକ୍ଷ ମାମଲା ବିଚାରାଧୀନ ରହିଛି ।

***Desk***

# ବିଶ୍ୱ ହୃତ୍‌ପିଣ୍ଡ ଦିବସ

ହୃତ୍‌ପିଣ୍ଡର ଯତ୍ନ ଏବଂ ହୃତ୍‌ପିଣ୍ଡ ବିଷୟରେ ଲୋକମାନଙ୍କୁ ସଚେତନ କରାଇବା ଲାଗି ଆଜି ବିଶ୍ୱ ହୃତ୍‌ପିଣ୍ଡ ଦିବସ ପାଳନ କରାଯାଉଛି। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ପ୍ରତ୍ୟେକ ହୃଦ୍‌ସ୍ପନ୍ଦନକୁ ହାତଛଡ଼ା କରନ୍ତୁ ନାହିଁ' । ୨୦୦୦ ମସିହାରୁ ଏହି ଦିବସ ପାଳିତ ହୋଇଆସୁଛି । ଉଚ୍ଚରକ୍ତଚାପ, ମଧୁମେହ, ଅତ୍ୟଧିକ କୋଲେଷ୍ଟ୍ରଲ, ମୋଟାପଣ, ମାନସିକ ଦୁଃଶ୍ଚିନ୍ତା, ଧୂମପାନ, କମ୍ ପରିଶ୍ରମ ଏବଂ ବଦଳୁଥିବା ଜୀବନଶୈଳୀ ପାଇଁ ଲୋକମାନେ ହୃଦ୍‌ରୋଗର ଶୀକାର ହେଉଛନ୍ତି।

***Nabarangpur/R***

# ଦୁର୍ଗାପୂଜା

ଜଗଜ୍ଜନନୀ ମା' ଦୁର୍ଗାଙ୍କ ଧରାବତରଣ ବିଶ୍ୱଶାନ୍ତି ପ୍ରତିଷ୍ଠା ସହ ସ୍ନେହ, ସୌହାର୍ଦ୍ଦ୍ୟ, ଭାଇଚାରା ସ୍ଥାପନର ସମୟ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି । ନବରଙ୍ଗପୁର ଜିଲ୍ଲା ଗସ୍ତରେ ଯାଇ ଗତକାଲି ମନ୍ତ୍ରୀ

ଶ୍ରୀ ଗଣ୍ଡ ଉମରକୋଟ ଏବଂ ରାଇଘରର ବିଭିନ୍ନ ପୀଠସ୍ଥଳ ଏବଂ ପୂଜାମଣ୍ଡପ ପରିଦର୍ଶନ କରିଥିଲେ ।

***Desk***

# ମହାସପ୍ତମୀ

ନବରାତ୍ରୀ ପାଳନ ଅବସରରେ ଆଜି ରାଜ୍ୟର ଶକ୍ତିପୀଠଗୁଡ଼ିକରେ ମହାଷ୍ଟମୀ ପୂଜା ଅନୁଷ୍ଠିତ ହେଉଛି । ତେବେ ପୂଜାମଣ୍ଡପଗୁଡ଼ିକରେ ମୃଣ୍ମୟୀ ପ୍ରତିମାଙ୍କଂଠାରେ ସପ୍ତମୀ ପୂଜା କରାଯାଉଛି ।

***Bhadrak/R***

# ସହିଦ ଦିବସ

ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍ ରକ୍ତତୀର୍ଥ ଇରମ୍‌ଠାରେ ରାଜ୍ୟସ୍ତରୀୟ ୮୩ତମ ସହିଦ୍ ଦିବସ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଏବଂ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଯ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ଅଶୋକ ଦାସ ପ୍ରମୁଖ ଯୋଗଦେଇ ସଂଗ୍ରାମୀ ପୀଠରେ ମାଲ୍ୟାର୍ପଣ କରିଛନ୍ତି ।

*Desk*

# ଜୁନିୟର୍ ଥ୍ରୋ ବଲ୍

କର୍ଣ୍ଣାଟକରେ ଆୟୋଜିତ ୩୫ତମ ଜାତୀୟ ଜୁନିୟର ଥ୍ରୋ ବଲ୍ ଚାମ୍ପିୟନ୍‌ସିପ୍‌ରେ ଓଡ଼ିଶା ବାଳକ ଦଳ କାଂସ୍ୟପଦକ ବିଜୟୀ ହୋଇଛି । ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ଦଳ ତାମିଲ୍‌ନାଡୁକୁ ୨-୧ ସେଟ୍‌ରେ ପରାସ୍ତ କରି ଏହି ସଫଳତା ହାସଲ କରିଛି ।

*Desk*

# ପାଣିପାଗ

ଉତ୍ତର-ପଶ୍ଚିମ ଓ ସଂଲଗ୍ନ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଯୋଗୁଁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁଯାୟୀ ମୌସୁମୀର ପ୍ରଭାବରେ ରାଜ୍ୟର ମଧ୍ୟ ଉପକୂଳ ଅଞ୍ଚଳ ଗୁଡ଼ିକରେ ଆସନ୍ତାକାଲି ପର୍ଯ୍ୟନ୍ତ କିଛି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ । ଅନ୍ୟପକ୍ଷରେ ଆସନ୍ତା ବୁଧବାର ୧ ତାରିଖ ଦିନ ବଙ୍ଗୋପସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ହେବାର ଅନୁମାନ କରାଯାଇଛି ।

*****